ସାଧାରଣ ସଚିବ, ରାଉରକେଲା ଶ୍ରମିକ ସଂଘ

ବନାମ

ରାଉରକେଲା ମଜଦୁର ସଭା ଏବଂ ଅନ୍ୟମାନେ

ଏପ୍ରିଲ 16, 1991

[କେ.ଏନ୍. ସିଂହ ଏବଂ ପି.ବି. ସାୱନ୍ତ, ନ୍ୟାୟମୂର୍ତ୍ତିଦ୍ୱୟ]

*ଶ୍ରମ ଆଇନ : ଶୃଙ୍ଖଳା ସଂହିତା - 'କାର୍ଯ୍ୟାନ୍ୱୟନ ଶାସନ କଳ - ରାଜ୍ୟ ଶ୍ରମ ଆୟୁକ୍ତ - ଯାଞ୍ଚ ଅଧିକାରୀ – କିଏକି ।*

ଆବେଦନକାରୀ, ରାଉରକେଲା ଶ୍ରମିକ ସଂଘ ହେଉଛି ରାଉରକେଲା ଇସ୍ପାତ କାରଖାନାର ଏକ ଶ୍ରମିକ ସଂଘ । ଏହା 1958 ଶୃଙ୍ଖଳା ସଂହିତା ଅଧୀନରେ କାର୍ଯ୍ୟାନ୍ୱୟନ ଏବଂ ମୂଲ୍ୟାଙ୍କନ ଅଧିକାରୀ-ତଥା-ଶ୍ରମ ଆୟୁକ୍ତଙ୍କୁ ଏକ ଚିଠି ସମ୍ବୋଧିତ କରିଥିଲା, ଯେଉଁଥିରେ ଏହା ରାଉରକେଲା ଇସ୍ପାତ କାରଖାନାରେ ଏକମାତ୍ର ବୁଝାମଣା ଅଧିକାରୀ ଭାବରେ ସ୍ୱୀକୃତି ଦାବି କରିଥିଲା । ଏହି ଉଦ୍ଦେଶ୍ୟରେ, କାରଖାନାରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକ ସଂଘର ସଦସ୍ୟତାର ତୁରନ୍ତ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ପାରିତ କରିବାକୁ ଏବଂ ସଂଖ୍ୟାଗରିଷ୍ଠ ସଦସ୍ୟତା ଥିବା ସଂଘର ସ୍ୱୀକୃତି ପାଇଁ ସୁପାରିଶ କରିବାକୁ ଶ୍ରମ ଆୟୁକ୍ତଙ୍କୁ ଅନୁରୋଧ କରାଯାଇଥିଲା । କାର୍ଯ୍ୟକାରୀ ଏବଂ ମୂଲ୍ୟାଙ୍କନ ଅଧିକାରୀ ଭାବରେ ଶ୍ରମ ଆୟୁକ୍ତ ପଞ୍ଜୀକୃତ ଶ୍ରମିକ ସଂଘର ସଦସ୍ୟତା ଯାଞ୍ଚ କରିବା ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ପାଇଁ ଉପ ଶ୍ରମ ଆୟୁକ୍ତଙ୍କୁ କ୍ଷମତା ପ୍ରଦାନ କରିଥିଲେ, ଯିଏ  ପରବର୍ତ୍ତୀ ସମୟରେ ବିଭିନ୍ନ ଶ୍ରମିକ ସଂଘକୁ ଆବଶ୍ୟକ ରେକର୍ଡ ପ୍ରସ୍ତୁତ କରିବାକୁ ଆହ୍ୱାନ କରି ଆଦେଶ ପ୍ରଦାନ କରିଥିଲେ ।

ପ୍ରଥମ ଉତ୍ତରଦାତା - ରାଉରକେଲା ମଜଦୁର ସଭା - ଯାହା ଏକ ପ୍ରତିଦ୍ୱନ୍ଦ୍ୱୀ ସଂଘ, ଶ୍ରମ ଆୟୁକ୍ତ ଏବଂ ଉପ ଶ୍ରମ ଆୟୁକ୍ତଙ୍କ ଦ୍ୱାରା ପାରିତ ଆଦେଶକୁ ଏକ ରିଟ୍ ଆବେଦନ ମାଧ୍ୟମରେ ଆପତ୍ତି କରିଥିଲେ । ସେହି ସମୟରେ, ଏକ ନିର୍ଦ୍ଧାରିତ ସମୟ ମଧ୍ୟରେ ଯାଞ୍ଚ ଏବଂ ସ୍ୱୀକୃତି ପ୍ରକ୍ରିୟା ସମାପ୍ତ କରିବାକୁ ଶ୍ରମ ଆୟୁକ୍ତ ଏବଂ ଉପ ଶ୍ରମ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରି ଆବେଦନକାରୀ ସଂଘ ଏକ ରିଟ୍ ଆବେଦନ ଦାଖଲ କରିଥିଲେ ।

ଉଚ୍ଚ ନ୍ୟାୟାଳୟ ଏହାର ସାମୂହିକ ରାୟ ଦ୍ୱାରା ପ୍ରଥମ ଉତ୍ତରଦାତାଙ୍କ ଆବେଦନକୁ ଅନୁମତି ଦେଇଥିଲେ ଏବଂ ଆବେଦନକାରୀଙ୍କ ଆବେଦନକୁ ଖାରଜ କରିଦେଇଥିଲେ । ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଯେହେତୁ ଆବେଦନକାରୀ-ସଂଘ ଏହାର ଆବେଦନକୁ କାର୍ଯ୍ୟାନ୍ୱୟନ ଶାସନ କଳକୁ ନୁହେଁ ବରଂ କାର୍ଯ୍ୟାନ୍ୱୟନ ଅଧିକାରୀଙ୍କୁ ସମ୍ବୋଧିତ କରିଛି, ତାହା ସଠିକ୍ ଭାବରେ କରାଯାଇ ନାହିଁ କାରଣ କାର୍ଯ୍ୟାନ୍ୱୟନ ଅଧିକାରୀଙ୍କ ପାଖରେ ସ୍ୱୀକୃତି ପ୍ରକ୍ରିୟା ଆରମ୍ଭ କରିବାର କୌଣସି ଅଧିକାର ନାହିଁ । ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ଏହି ସିଦ୍ଧାନ୍ତ

ଉପରେ ଆଧାରିତ ଥିଲା ଯେ କାର୍ଯ୍ୟାନ୍ୱୟନ ଏବଂ ମୂଲ୍ୟାଙ୍କନ ଅଧିକାରୀ ଶୃଙ୍ଖଳା ସଂହିତାର ଅର୍ଥ ମଧ୍ୟରେ "କାର୍ଯ୍ୟାନ୍ୱୟନ ଶାସନ କଳ" ନୁହଁନ୍ତି ।

ଆବେଦନକୁ ଅନୁମତି ଦେଇ ଏବଂ ଉପ ଶ୍ରମ ଆୟୁକ୍ତ ଏବଂ ଶ୍ରମ ଆୟୁକ୍ତଙ୍କୁ ଯଥାଶୀଘ୍ର ସମ୍ଭବ ସ୍ୱୀକୃତି ପ୍ରକ୍ରିୟା ସମାପ୍ତ କରିବାକୁ ନିର୍ଦ୍ଦେଶ ପ୍ରଦାନ କରି, ଏହି ନ୍ୟାୟାଳୟ,

ନିର୍ଣ୍ଣୟ କଲେ : (1) ଶୃଙ୍ଖଳା ସଂହିତାର ଧାରା 11 ରେ ପରିକଳ୍ପିତ "କାର୍ଯ୍ୟାନ୍ୱୟନ ଶାସନ କଳ" ଦୁଇଟି ପୃଥକ ସଂଗଠନକୁ ନେଇ ଗଠିତ, ଯଥା, ସମ୍ପୃକ୍ତ ଶ୍ରମ ବିଭାଗରେ କାର୍ଯ୍ୟାନ୍ୱୟନ ୟୁନିଟ୍ ଏବଂ କେନ୍ଦ୍ର, ରାଜ୍ୟ ଏବଂ ସ୍ଥାନୀୟ ସ୍ତରରେ ତ୍ରିପକ୍ଷୀୟ କାର୍ଯ୍ୟାନ୍ୱୟନ କମିଟି । ପ୍ରତ୍ୟେକ ସଙ୍ଗଠନକୁ ଭିନ୍ନ ଭିନ୍ନ କାର୍ଯ୍ୟ ଦିଆଯାଇଛି ଏବଂ ସେଗୁଡ଼ିକୁ ସମ୍ପାଦନ କରିବା ସମୟରେ ସେମାନେ ପରସ୍ପରଠାରୁ ସ୍ୱାଧୀନ ଅଟନ୍ତି । ତେଣୁ, କାର୍ଯ୍ୟାନ୍ୱୟନ ୟୁନିଟ୍ ଏବଂ କାର୍ଯ୍ୟାନ୍ୱୟନ କମିଟିର ଗଠନ ଭିନ୍ନ ଏବଂ ସେଗୁଡ଼ିକ ଭିନ୍ନ ଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି ।

(2) ଯେହେତୁ ଓଡ଼ିଶା ରାଜ୍ୟରେ ସଂଘଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିବାର ଦାୟିତ୍ୱ ଦିଆଯାଇଥିବା କାର୍ଯ୍ୟାନ୍ୱୟନ ୟୁନିଟ୍/କାର୍ଯ୍ୟାନ୍ୱୟନ ଅଧିକାରୀ ରାଜ୍ୟର ଶ୍ରମ ଆୟୁକ୍ତ ଥିଲେ, ଆବେଦନକାରୀ-ସଂଘ ଏହାର ସଠିକ୍ ଉପାୟ ଉଦ୍ଦେଶ୍ୟରେ ଶ୍ରମ ଆୟୁକ୍ତଙ୍କ ନିକଟକୁ ଯାଇଥିଲେ ।

(3) ଯେହେତୁ ରାଜ୍ୟ ଶ୍ରମ ଆୟୁକ୍ତଙ୍କୁ କାର୍ଯ୍ୟାନ୍ୱୟନ ଅଧିକାରୀ ଭାବେ ନାମିତ କରାଯାଇଥିଲା, ଯିଏକୀ କାର୍ଯ୍ୟାନ୍ୱୟନ ୟୁନିଟର ଦାୟିତ୍ୱରେ ଥିବା ଅଧିକାରୀ, ତେଣୁ କାର୍ଯ୍ୟାନ୍ୱୟନ ଅଧିକାରୀ ଭାବେ ରାଜ୍ୟ ଶ୍ରମ ଆୟୁକ୍ତଙ୍କ ପାଖରେ ସଦସ୍ୟତାର ଯାଞ୍ଚ ନିଜେ କରିବା କିମ୍ବା ବର୍ତ୍ତମାନର ମାମଲା ଭଳି ଉପ ଶ୍ରମ ଆୟୁକ୍ତଙ୍କ ଭଳି ଅନ୍ୟ କୌଣସି ଅଧିକାରୀଙ୍କୁ ହସ୍ତାନ୍ତର କରିବାର ବିକଳ୍ପ ରହିଛି । ତାହା କେବଳ ଏକ ଲିପିକ ବର୍ଗୀୟ କାର୍ଯ୍ୟର ଦାୟିତ୍ୱ ଥିଲା ।

(4) ବର୍ତ୍ତମାନର ମାମଲାରେ ଉପ ଶ୍ରମ ଆୟୁକ୍ତ ହେଉଛନ୍ତି ଯାଞ୍ଚ ଅଧିକାରୀ ଏବଂ ପରିଶିଷ୍ଟ IV ର ଖଣ୍ଡ (10) ଅନୁଯାୟୀ, ସେ ତାଙ୍କ ବିବୃତି କାର୍ଯ୍ୟାନ୍ୱୟନ ଅଧିକାରୀ କିମ୍ବା ୟୁନିଟ୍, ଅର୍ଥାତ୍ ରାଜ୍ୟ ଶ୍ରମ ଆୟୁକ୍ତଙ୍କୁ ପଠାଇବାକୁ ପଡିବ ଏବଂ ରାଜ୍ୟ ଶ୍ରମ ଆୟୁକ୍ତ ତାଙ୍କ ନିଷ୍ପତ୍ତିକୁ ରାଜ୍ୟ କାର୍ଯ୍ୟାନ୍ୱୟନ ଶାସନ କଳ ଭାବେ ପରିଚାଳକ ଗୋଷ୍ଠୀ ତଥା ସଂଘମାନଙ୍କୁ ଜଣାଇବେ ।

(5) ଉଚ୍ଚ ନ୍ୟାୟାଳୟ ଏହି ରାୟ ଦେବାରେ ତ୍ରୁଟି କରିଥିଲେ ଯେ କାର୍ଯ୍ୟାନ୍ୱୟନ ୟୁନିଟ୍ କିମ୍ବା ଶ୍ରମ ଆୟୁକ୍ତ "କାର୍ଯ୍ୟାନ୍ୱୟନ ଶାସନ କଳ" ନୁହେଁ ବରଂ କେବଳ ଜଣେ ଯାଞ୍ଚ ଅଧିକାରୀ ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1824/1991 ।

ଓ.ଜେ.ସି. ସଂଖ୍ୟା 4426/1989 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ତା 14.5.1990 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଶାନ୍ତି ଭୂଷଣ ଏବଂ ପ୍ରଶାନ୍ତ ଭୂଷଣ ।

ଉତ୍ତରଦାତାମାନଙ୍କ ପାଇଁ ଗୋବିନ୍ଦ ଦାସ, ଏସ୍.ବି. ଉପାଧ୍ୟାୟ, ହରିଶ ସାଲଭେ, ସୁଶ୍ରୀ କୀର୍ତ୍ତି ମିଶ୍ର ଏବଂ ଏସ୍.ଆର୍. ଗ୍ରୋଭର ।

ନ୍ୟାୟାଳୟର ରାୟ **ନ୍ୟାୟମୂର୍ତ୍ତି ସାୱନ୍ତଙ୍କ** ଦ୍ୱାରା ପ୍ରଦାନ କରାଗଲା ।

ଅନୁମତି ପ୍ରଦାନ କରାଗଲା ।

2. ବର୍ତ୍ତମାନର ମାମଲାରେ ବିଚାର ପାଇଁ ଏକମାତ୍ର ପ୍ରଶ୍ନ ହେଉଛି - ମଇ 1958 ରେ ଅନୁଷ୍ଠିତ ଏବଂ ଯାହା ଜୁନ୍ 1, 1958 ରୁ କାର୍ଯ୍ୟକାରୀ ହୋଇଥିବା ଭାରତୀୟ ଶ୍ରମ ସମ୍ମିଳନୀର 16ତମ ଅଧିବେଶନରେ ସମସ୍ତ କେନ୍ଦ୍ରୀୟ ନିଯୁକ୍ତିଦାତା ଏବଂ ଶ୍ରମିକ ସଂଗଠନ ଦ୍ୱାରା ଅନୁମୋଦିତ ଶୃଙ୍ଖଳା ସଂହିତା (ଏହା ପରେ "ସଂହିତା" ଭାବରେ ସୂଚିତ) ର ଅର୍ଥ ମଧ୍ୟରେ "କାର୍ଯ୍ୟାନ୍ୱୟନ ଶାସନ କଳ" ର ଅର୍ଥ କ'ଣ । ବର୍ତ୍ତମାନର ମାମଲାରେ ଏହି ପ୍ରଶ୍ନ ଗୁରୁତ୍ୱ ବହନ କରେ କାରଣ ଉଚ୍ଚ ନ୍ୟାୟାଳୟ ଆକ୍ଷେପିତ ନିଷ୍ପତ୍ତି ଦ୍ୱାରା କହିଛନ୍ତି ଯେ ଯେହେତୁ ଆବେଦନକାରୀ-ସଂଘ ସ୍ୱୀକୃତି ପାଇଁ ଏହାର ଆବେଦନକୁ କାର୍ଯ୍ୟାନ୍ୱୟନ ଶାସନ କଳକୁ ନୁହେଁ ବରଂ କାର୍ଯ୍ୟାନ୍ୱୟନ ଅଧିକାରୀଙ୍କୁ ସମ୍ବୋଧିତ କରିଥିଲା, ତାହା ସଠିକ୍ ଭାବରେ କରାଯାଇ ନଥିଲା ଏବଂ କାର୍ଯ୍ୟାନ୍ୱୟନ ଅଧିକାରୀଙ୍କ ପାଖରେ ସ୍ୱୀକୃତି ପ୍ରକ୍ରିୟା ଆରମ୍ଭ କରିବାର କୌଣସି ଅଧିକାର ନଥିଲା ।

3. ସ୍ୱୀକାରଯୋଗ୍ୟ ତଥ୍ୟ ହେଉଛି ଯେ ଆବେଦନକାରୀ ରାଉରକେଲା ଶ୍ରମିକ ସଂଘ 1989 ମସିହା ଅକ୍ଟୋବର ମାସ 9 ତାରିଖରେ କଟକସ୍ଥିତ କାର୍ଯ୍ୟକାରୀ ଏବଂ ମୂଲ୍ୟାଙ୍କନ ଅଧିକାରୀ ତଥା ଶ୍ରମ ଆୟୁକ୍ତ-ଓଡ଼ିଶାକୁ ଏକ ଚିଠି ଲେଖି ତାଙ୍କୁ ଅବଗତ କରାଇଥିଲେ ଯେ ସଂହିତା ଅନୁଯାୟୀ ସେ ରାଉରକେଲା ଇସ୍ପାତ କାରଖାନାକୁ କାରଖାନାର ଏକମାତ୍ର ବୁଝାମଣା ପ୍ରତିନିଧି ଭାବେ ସ୍ୱୀକୃତି ଦେବାକୁ ଆହ୍ୱାନ କରିଥିଲେ, କିନ୍ତୁ କାରଖାନା ଏହାର ଉତ୍ତର ଦେଇନଥିଲା । ଉକ୍ତ ଚିଠିରେ ଆବେଦନକାରୀ ଉକ୍ତ କାରଖାନାରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକ ସଂଘର ସଦସ୍ୟତାର ତୁରନ୍ତ ଯାଞ୍ଚ ପାଇଁ ନିର୍ଦ୍ଦେଶ ପାରିତ କରିବା ଏବଂ ସଂଖ୍ୟାଗରିଷ୍ଠ ସଦସ୍ୟତା ଥିବା ସଂଘର ସ୍ୱୀକୃତି ପାଇଁ ସୁପାରିଶ କରିବା ନିମନ୍ତେ ଶ୍ରମ ଆୟୁକ୍ତଙ୍କୁ ଅନୁରୋଧ କରିଥିଲେ । ଏହି ଅନୁରୋଧ ପାଇବା ପରେ, କାର୍ଯ୍ୟାନ୍ୱୟନ ଏବଂ ମୂଲ୍ୟାଙ୍କନ ଅଧିକାରୀ ଭାବେ ଶ୍ରମ ଆୟୁକ୍ତ 1989 ଡିସେମ୍ବର 5 ତାରିଖରେ ପଞ୍ଜୀକୃତ ଶ୍ରମିକ ସଂଘଗୁଡ଼ିକର ସଦସ୍ୟତା ଯାଞ୍ଚ ପ୍ରକ୍ରିୟା କାର୍ଯ୍ୟକାରୀ କରିବା ପାଇଁ ଉପ ଶ୍ରମ ଆୟୁକ୍ତଙ୍କୁ କ୍ଷମତା ପ୍ରଦାନ କରିଥିଲେ । ଏହାର ଅନୁସରଣରେ, ଉପ ଶ୍ରମ ଆୟୁକ୍ତ ଡିସେମ୍ବର 14, 1989 ରେ ଏକ ଆଦେଶ ପାରିତ କରି ବିଭିନ୍ନ ଶ୍ରମିକ ସଂଘକୁ ସୂଚନା ପ୍ରାପ୍ତିର 10 ଦିନ ମଧ୍ୟରେ ଆବଶ୍ୟକ ନଥି ଉପସ୍ଥାପନ କରିବାକୁ ଆହ୍ୱାନ କରିଥିଲେ । ଶ୍ରମ ଆୟୁକ୍ତ ଏବଂ ଉପ ଶ୍ରମ ଆୟୁକ୍ତଙ୍କ ଦ୍ୱାରା ପାରିତ ଏହି

ଆଦେଶକୁ ପ୍ରଥମ ଉତ୍ତରଦାତା-ରାଉରକେଲା ମଜଦୁର ସଭା ଦ୍ୱାରା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଓଜେସି ସଂଖ୍ୟା 4426/1989 ଥିବା ଏକ ରିଟ୍ ଆବେଦନ ମାଧ୍ୟମରେ ଆପତ୍ତି କରାଯାଇଥିଲା, ଯାହା କାରଖାନାର ଏକ ପ୍ରତିଦ୍ୱନ୍ଦ୍ୱୀ ସଂଘ ଅଟେ । ସେହି ସମୟରେ, ଆବେଦନକାରୀ-ସଂଘ ଓଜେସି ସଂଖ୍ୟା 361/1990 ଥିବା ଏକ ରିଟ୍ ଆବେଦନ ଦାଖଲ କରି ସଂଘର ସଦସ୍ୟତାର ଯାଞ୍ଚ ସମ୍ପୂର୍ଣ୍ଣ କରିବାକୁ ଏବଂ ପ୍ରକ୍ରିୟା ଏବଂ ସ୍ୱୀକୃତି ସମାପ୍ତି କରିବାକୁ ଏବଂ ଆନୁଷଙ୍ଗିକ ସାହାଯ୍ୟ ପାଇଁ ଏକ ସମୟ ସୀମା ସ୍ଥିର କରିବାକୁ ଶ୍ରମ ଆୟୁକ୍ତ ଏବଂ ଉପ ଶ୍ରମ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରିଥିଲେ । ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ବିଚାରପୀଠ ଦ୍ୱାରା ଉଭୟ ରିଟ୍ ଆବେଦନର ଶୁଣାଣି କରାଯାଇଥିଲା ଏବଂ ଏହାର ଆକ୍ଷେପିତ ସାମୂହିକ ରାୟ ଦ୍ୱାରା, ନ୍ୟାୟାଳୟ ପ୍ରଥମ ଉତ୍ତରଦାତାଙ୍କ ଆବେଦନକୁ ଅନୁମତି ଦେଇ ଏବଂ ଆବେଦନକାରୀଙ୍କ ଆବେଦନକୁ ଖାରଜ କରି ରାୟ ଦେଇଥିଲେ । ନ୍ୟାୟାଳୟର ନିଷ୍ପତ୍ତି କେବଳ ଏହି ସିଦ୍ଧାନ୍ତ ଉପରେ ଆଧାରିତ ଥିଲା ଯେ କାର୍ଯ୍ୟାନ୍ୱୟନ ଏବଂ ମୂଲ୍ୟାଙ୍କନ ଅଧିକାରୀ ସଂହିତା ଅନୁଯାୟୀ "କାର୍ଯ୍ୟାନ୍ୱୟନ ଶାସନ କଳ" ନୁହଁନ୍ତି ଏବଂ କାର୍ଯ୍ୟାନ୍ୱୟନ ଅଧିକାରୀଙ୍କ ପାଖରେ ସ୍ୱୀକୃତି ପାଇଁ ଆବେଦନ ପ୍ରକ୍ରିୟାକରଣ କରିବାର କୌଣସି ଅଧିକାର ନାହିଁ ।

4. ସଂହିତାର ପ୍ରାସଙ୍ଗିକ ବ୍ୟବସ୍ଥା ନିମ୍ନରେ ଦିଆଗଲା :

ସଂହିତାର ଧାରା II "କାର୍ଯ୍ୟାନ୍ୱୟନ ଶାସନ କଳ" ସହିତ ଜଡିତ ଏବଂ ଏହିପରି ଭାବରେ ଏହାର କଳ୍ପନା କରାଯାଉଛି । ଏହା ନିମ୍ନମତେ ଆରମ୍ଭ ହୋଇଥାଏ :

> "2.ଶୃଙ୍ଖଳା ସଂହିତା, ଶ୍ରମ ଆଇନ, ଅଧିନିର୍ଣ୍ଣୟ ଏବଂ ରାଜିନାମା ଲାଗୁ କରିବା ପାଇଁ କେନ୍ଦ୍ର ଏବଂ ସମସ୍ତ ରାଜ୍ୟରେ ଏକ ଶାସନ କଳ ବ୍ୟବସ୍ଥା ପ୍ରତିଷ୍ଠା କରାଯାଇଛି । ଏହି ଶାସନ କଳରେ ରହିଛି:
>
> (a) ଶ୍ରମ ବିଭାଗରେ କାର୍ଯ୍ୟାନ୍ୱୟନ ୟୁନିଟ୍, ଏବଂ
>
> (b) କେନ୍ଦ୍ର, ରାଜ୍ୟ ଏବଂ ସ୍ଥାନୀୟ ସ୍ତରରେ ତ୍ରିପକ୍ଷୀୟ କାର୍ଯ୍ୟାନ୍ୱୟନ ସମିତି ।

ଏହା ପରେ ଏହା କାର୍ଯ୍ୟାନ୍ୱୟନ ୟୁନିଟ୍ ଏବଂ ରାଜ୍ୟଗୁଡ଼ିକ ସହିତ ନିମ୍ନଲିଖିତ ଉପାୟରେ ବ୍ୟବସ୍ଥା କରେ :

> "(i) କାର୍ଯ୍ୟାନ୍ୱୟନ ୟୁନିଟ୍ :
>
> 3. ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟରେ ଜଣେ ଯୁଗ୍ମ ସଚିବଙ୍କ ଦାୟିତ୍ୱ ଅଧୀନରେ ଏକ କେନ୍ଦ୍ରୀୟ କାର୍ଯ୍ୟାନ୍ୱୟନ ଏବଂ ମୂଲ୍ୟାଙ୍କନ ବିଭାଗ ପ୍ରତିଷ୍ଠା କରାଯାଇଛି । ରାଜ୍ୟଗୁଡ଼ିକରେ ମଧ୍ୟ ଶ୍ରମ ବିଭାଗର ଜଣେ ପୂର୍ଣ୍ଣକାଳୀନ ଅଧିକାରୀ କିମ୍ବା ରାଜ୍ୟ ଶ୍ରମ ଆୟୁକ୍ତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାନ୍ୱୟନ ୟୁନିଟ୍ ପ୍ରତିଷ୍ଠା କରାଯାଇଛି । ଜାନୁଆରୀ, 1960ରେ

ଆୟୋଜିତ ଶ୍ରମ ମନ୍ତ୍ରୀମାନଙ୍କ ସମ୍ମିଳନୀର ସୁପାରିଶ ଅନୁଯାୟୀ ପ୍ରତ୍ୟେକ ରାଜ୍ୟରେ ଯଥାସମ୍ଭବ, ପୂର୍ଣ୍ଣକାଳୀନ ଏବଂ ପର୍ଯ୍ୟାପ୍ତ ବରିଷ୍ଠତାର କାର୍ଯ୍ୟାନ୍ୱୟନ ଅଧିକାରୀ, ରହିବା ଉଚିତ । କାର୍ଯ୍ୟାନ୍ୱୟନ ୟୁନିଟଗୁଡ଼ିକୁ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ନ୍ୟସ୍ତ କରାଯାଇଛି :

(1) ଶିଳ୍ପ ସଂଘର୍ଷର ମୁଖ୍ୟ କାରଣକୁ ମୂଳରୁ ହ୍ରାସ କରିବା ଉଦ୍ଦେଶ୍ୟରେ ଶୃଙ୍ଖଳା ସଂହିତା, ଆଚରଣ ସଂହିତା, ଶ୍ରମ ଆଇନ, ଅଧିନିର୍ଣ୍ଣୟ, ରାଜିନାମା ଇତ୍ୟାଦି କାର୍ଯ୍ୟକାରୀ କରିବା ;

(2) ବିବାଦ ଉପୁଜିଥିବା ସ୍ଥାନରେ ପ୍ରତିଷେଧକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଦୀର୍ଘ ଦିନ ଧରି ପଡ଼ି ରହିଥିବା ବିବାଦଗୁଡ଼ିକର ସମାଧାନ କରିବାରେ ଶିଳ୍ପ ସମ୍ପର୍କ ବ୍ୟବସ୍ଥାର କାର୍ଯ୍ୟକୁ ପରିପୂରକ କରିବା ଯାହା ଅନ୍ୟଥା ସମାଧାନ କରାଯାଇପାରିବ ନାହିଁ ;

(3) ଯେମିତି ବି ହେଉ, କାର୍ଯ୍ୟାନ୍ୱୟନ ଶାସନ କଳର ଫଳପ୍ରଦ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବାକୁ କେନ୍ଦ୍ର, ରାଜ୍ୟ କିମ୍ବା ସ୍ଥାନୀୟ ୟୁନିଟ୍ ସହିତ ଯୋଗାଯୋଗ ବଜାୟ ରଖିବା ;

(4) କାର୍ଯ୍ୟାନ୍ୱୟନ କମିଟିଗୁଡ଼ିକର ବୈଠକ ଆୟୋଜନ କରିବା ଏବଂ ସେଗୁଡ଼ିକର ସଚିବାଳୟ ଭାବେ କାର୍ଯ୍ୟ କରିବା ;

(5) ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ମାମଲାଗୁଡ଼ିକର ନ୍ୟାୟାଳୟ ବାହାରେ ସମାଧାନ କରିବା ;

(6) ଉଚ୍ଚ ନ୍ୟାୟାଳୟରେ ଆବେଦନ ଦାଖଲ ହେବା ପୂର୍ବରୁ କେନ୍ଦ୍ରୀୟ ନିଯୁକ୍ତିଦାତା ଏବଂ ଶ୍ରମିକ ସଂଗଠନ ଦ୍ୱାରା ଗଠିତ ଯାଞ୍ଚ ସମିତି ଦ୍ୱାରା ମାମଲାଗୁଡ଼ିକର ଯାଞ୍ଚ ସୁନିଶ୍ଚିତ କରିବା ;

(7) ମୂଲ୍ୟାଙ୍କନ କରିବା ;

(a) ବଡ଼ ଧରଣର ଧର୍ମଘଟ, ତାଲା ବନ୍ଦ ଏବଂ ବିବାଦର ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ; ଏବଂ

(b) ଗୁରୁତ୍ୱପୂର୍ଣ୍ଣ ଶ୍ରମ ଆଇନ, ଅଧିନିର୍ଣ୍ଣୟ, ନୀତି, ନିଷ୍ପତ୍ତି ଇତ୍ୟାଦି କାର୍ଯ୍ୟକାରୀ କରିବା, ଯାହାଦ୍ୱାରା ସେମାନେ କେତେ ଦୂର ପର୍ଯ୍ୟନ୍ତ ସଫଳ ହେଉଛନ୍ତି, ଯାହା ସେମାନେ ସୃଷ୍ଟି କରିବାକୁ ଚାହୁଁଥିଲେ, ଏବଂ ସେଗୁଡ଼ିକର ଉନ୍ନତି ପାଇଁ ପଦକ୍ଷେପ ପରାମର୍ଶ ଦେବା ।

(8) ଶୃଙ୍ଖଳା ସଂହିତା, ଶ୍ରମ ଅଧିନିୟମ ଅଧିନିର୍ଣ୍ଣୟ ଇତ୍ୟାଦିର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ଆବଶ୍ୟକ ପରିସଂଖ୍ୟାନ ସଂଗ୍ରହ ଏବଂ ରକ୍ଷଣାବେକ୍ଷଣ କରିବା ।

X X X X

ଏହା ପରେ କାର୍ଯ୍ୟାନ୍ୱୟନ କମିଟି ଏବଂ ରାଜ୍ୟଗୁଡ଼ିକ ସହିତ ନିମ୍ନମତେ ବ୍ୟବସ୍ଥା କରିଥାଏ :

"(iii) କାର୍ଯ୍ୟାନ୍ୱୟନ ସମିତି :

6. କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକରେ କାର୍ଯ୍ୟାନ୍ୱୟନ କମିଟିଗୁଡ଼ିକ ଉଭୟ କେନ୍ଦ୍ରୀୟ ନିଯୁକ୍ତିଦାତା ଏବଂ ଶ୍ରମିକ ସଙ୍ଗଠନଗୁଡ଼ିକର ପ୍ରତିନିଧିତ୍ୱ କରିଥାନ୍ତି । କେନ୍ଦ୍ରୀୟ କାର୍ଯ୍ୟାନ୍ୱୟନ ଏବଂ ମୂଲ୍ୟାଙ୍କନ କମିଟି ସମାନ ସଂଖ୍ୟକ କେନ୍ଦ୍ରୀୟ ନିୟୋଜକ ଏବଂ ଶ୍ରମିକ ସଂଗଠନରୁ ଚାରି ଜଣ ଲେଖାଏଁ ନିୟୋଜକ ଏବଂ ଶ୍ରମିକ ପ୍ରତିନିଧିଙ୍କୁ ନେଇ ଗଠିତ । ସେମାନେ ଯେଉଁ ସଂଗଠନ ସହିତ ଜଡ଼ିତ, ସେହି ସଂଗଠନଗୁଡ଼ିକ ଦ୍ୱାରା ମନୋନୀତ ହୋଇଥାନ୍ତି, ସରକାରଙ୍କ ଦ୍ୱାରା ନୁହେଁ । ରାଜ୍ୟ/ପ୍ରଶାସନିକ କାର୍ଯ୍ୟାନ୍ୱୟନ କମିଟିଗୁଡ଼ିକ ମଧ୍ୟ କେନ୍ଦ୍ରୀୟ ନିୟୋଜକ ଏବଂ ଶ୍ରମିକ ସଙ୍ଗଠନମାନଙ୍କ ସହିତ ପରାମର୍ଶ କରି ଗଠିତ ହେବା ଆବଶ୍ୟକ, ଯେଉଁଠି ସମ୍ପୃକ୍ତ ରାଜ୍ୟ/ଅଞ୍ଚଳରେ ସେମାନଙ୍କର ସହଯୋଗୀ ସଂସ୍ଥା ରହିଛି । ଏହି କମିଟିଗୁଡ଼ିକର ଅଧ୍ୟକ୍ଷତା ଯଥାସମ୍ଭବ ସମ୍ପୃକ୍ତ ଶ୍ରମ ମନ୍ତ୍ରୀମାନେ କରିଥାନ୍ତି । ସ୍ଥାନୀୟ ସ୍ତରରେ, କମିଟିଗୁଡ଼ିକ ସେହି ଅଞ୍ଚଳର ନିୟୋଜକ ଏବଂ ଶ୍ରମିକମାନଙ୍କର ସମାନ ସଂଖ୍ୟକ ପ୍ରତିନିଧିଙ୍କୁ ନେଇ ଗଠିତ ଏବଂ ଶ୍ରମ ବିଭାଗର ଜଣେ ଅଧିକାରୀ କିମ୍ବା ସେହି ଅଞ୍ଚଳର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଏହାର ଅଧ୍ୟକ୍ଷତା କରାଯାଇଥାଏ ।

7. 1957 ମସିହା ଅକ୍ଟୋବର ମାସରେ ସ୍ଥାୟୀ ଶ୍ରମ କମିଟି ଏବଂ ଅନ୍ୟାନ୍ୟ କମିଟିଗୁଡ଼ିକ ଦ୍ୱାରା କାର୍ଯ୍ୟାନ୍ୱୟନ କମିଟିଗୁଡ଼ିକୁ ଦିଆଯାଇଥିବା କାର୍ଯ୍ୟଗୁଡ଼ିକ ନିମ୍ନରେ ଦିଆଗଲା : -

(1) ସହମତି, ନିଷ୍ପତ୍ତି ଏବଂ ସମାଧାନର କାର୍ଯ୍ୟକାରିତାର ପରିମାଣକୁ ଯାଞ୍ଚ କରିବା ଏବଂ ଯେଉଁ ପକ୍ଷମାନେ ଏକ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ଆଗ୍ରହୀ କିନ୍ତୁ ଏହା କରିବାରେ ଅସମର୍ଥ, ସେମାନଙ୍କୁ ପରାମର୍ଶ ଦେବା, କିପରି କାର୍ଯ୍ୟାନ୍ୱୟନର ଅସୁବିଧାଗୁଡ଼ିକୁ ଦୂର କରାଯାଇପାରିବ ।

(2) କାର୍ଯ୍ୟାନ୍ୱୟନ ୟୁନିଟ୍ ଦ୍ୱାରା କିମ୍ବା ଏହା ଦ୍ୱାରା ଅନୁସନ୍ଧାନ କରାଯାଇଥିବା ବ୍ୟକ୍ତିବିଶେଷ କିମ୍ବା ଏହା ଦ୍ୱାରା ନିଯୁକ୍ତ ଏକ ଉପ-କମିଟି ଦ୍ୱାରା ଦୃଷ୍ଟିକୁ ଅଣାଯାଇଥିବା ମାମଲାରେ ସଂହିତା ଉଲ୍ଲଂଘନ ପାଇଁ ଉତ୍ତରଦାୟିତ୍ୱ ସ୍ଥିର କରିବା । ଏପରି କରିବା ସମୟରେ, ଯଦି ଆବଶ୍ୟକ ପଡ଼ିଲା କମିଟି ସମ୍ପୃକ୍ତ ପକ୍ଷଙ୍କ କଥା ଶୁଣି ପାରିବ ।

(3) ପକ୍ଷମାନଙ୍କ ସମ୍ମତିରେ ନ୍ୟାୟାଳୟ ବାହାରେ ସମାଧାନ ପାଇଁ ମାମଲାଗୁଡ଼ିକର ବିଚାର କରିବା, ଆବେଦନ ଦାଖଲ ହେବା ପୂର୍ବରୁ ଶିଳ୍ପ ବିବାଦର ମାମଲାଗୁଡ଼ିକର ଯାଞ୍ଚ ଇତ୍ୟାଦି ଯାହା କାର୍ଯ୍ୟାନ୍ୱୟନ ୟୁନିଟ୍ କିମ୍ବା ଏହିପରି ଅନ୍ୟାନ୍ୟ ମାମଲା ଯାହା କମିଟି ଇଚ୍ଛା କରିପାରେ । ସୌହାର୍ଦ୍ଦ୍ୟପୂର୍ଣ୍ଣ ଶ୍ରମ-ପରିଚାଳନା ସମ୍ପର୍କ ଆଣିବା ପାଇଁ,ଏହାର ଦୃଷ୍ଟିକୁ ଅଣାଯାଇପାରେ ।

(4) ସମୟ ସମୟରେ ନିଜ ନିଜ କ୍ଷେତ୍ରରେ ସଂହିତାର କାର୍ଯ୍ୟକାରିତାର ସମୀକ୍ଷା କରିବା ।

(5) ସର୍ବନିମ୍ନ ସ୍ତରର କମିଟି ଏବଂ କେନ୍ଦ୍ରୀୟ କମିଟି ମଧ୍ୟରେ ଅଭିଜ୍ଞତାର ଦ୍ୱିମୁଖୀ ବିନିମୟ ବଜାୟ ରଖିବା । ଯେକୌଣସି ସ୍ତରରେ ଉପୁଜିଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବ୍ୟାପକ ପ୍ରସାର କରାଯିବା ଉଚିତ । ”

ଏହି ସଂହିତା ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟାନ୍ୱୟନ ୟୁନିଟଗୁଡ଼ିକୁ କାର୍ଯ୍ୟାନ୍ୱୟନ କମିଟିଗୁଡ଼ିକ ପାଇଁ ସଚିବାଳୟ ପ୍ରଦାନ କରିବା ଏବଂ ସେମାନଙ୍କ ନିଷ୍ପତ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ସୁନିଶ୍ଚିତ କରିବା ପାଇଁ କର୍ତ୍ତବ୍ୟ ପ୍ରଦାନ କରିଥାଏ । ଉପରୋକ୍ତ କାର୍ଯ୍ୟାନ୍ୱୟନ ୟୁନିଟଗୁଡିକର କାର୍ଯ୍ୟର ଗଣନାରୁ ଆମେ ଏହା ମଧ୍ୟ ଦେଖିଛୁ ଯେ ୟୁନିଟଗୁଡ଼ିକ କାର୍ଯ୍ୟାନ୍ୱୟନ କମିଟିଗୁଡ଼ିକର ବୈଠକ ଆୟୋଜନ କରିବାକୁ ଏବଂ ସେମାନଙ୍କର ସଚିବାଳୟ ଭାବରେ କାର୍ଯ୍ୟ କରିବାକୁ ପଡ଼େ ।

5. ସଂହିତାର ଧାରା IVରେ "ଅଭିଯୋଗ ପ୍ରକ୍ରିୟା" ର ବ୍ୟବସ୍ଥା ରହିଛି । ଅନ୍ୟାନ୍ୟ ବିଷୟ ମଧ୍ୟରେ, ଏଥିରେ କୁହାଯାଇଛି ଯେ ପ୍ରତ୍ୟେକ ପରିଚାଳନା ଦ୍ୱାରା ସେମାନଙ୍କ କର୍ମଚାରୀଙ୍କ ସହ ପରାମର୍ଶ କରି ଏକ ଅଭିଯୋଗ ପ୍ରକ୍ରିୟା ପ୍ରତିଷ୍ଠା କରାଯାଇଛି, ଏହା ସୁନିଶ୍ଚିତ କରିବା, କେନ୍ଦ୍ର ଏବଂ ରାଜ୍ୟ/ପ୍ରଶାସନିକ କାର୍ଯ୍ୟାନ୍ୱୟନ ୟୁନିଟଗୁଡ଼ିକର ଦାୟିତ୍ୱ ।

6. ସଂହିତାର ଧାରା V ରେ ସଂଘ ଏବଂ ରାଜ୍ୟଗୁଡ଼ିକର ସ୍ୱୀକୃତି ସମ୍ବନ୍ଧରେ ନିମ୍ନମତେ ଉଲ୍ଲେଖ ରହିଛି:

“11. ଯେଉଁଠାରେ ସଂଘଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିବାର ପ୍ରକ୍ରିୟା ଏକ ବିଧାନ ଦ୍ୱାରା ପରିଚାଳିତ ହୁଏ, ସେହି ରାଜ୍ୟଗୁଡିକ ବ୍ୟତୀତ ସଂଘଗୁଡ଼ିକର ସ୍ୱୀକୃତି ପାଇଁ ସର୍ତ୍ତାବଳୀ ଏବଂ ପ୍ରକ୍ରିୟା ଶୃଙ୍ଖଳା ସଂହିତାର ବ୍ୟବସ୍ଥା ଦ୍ୱାରା ପରିଚାଳିତ ହୁଏ । ଏହା ସୁନିଶ୍ଚିତ କରିବା କାର୍ଯ୍ୟାନ୍ୱୟନ ୟୁନିଟଗୁଡ଼ିକର ଦାୟିତ୍ୱ ଯେ ଯେଉଁଠାରେ ସେମାନେ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରନ୍ତି ସେଠାରେ ପରିଚାଳନା ଦ୍ୱାରା ସଂଘକୁ ସ୍ୱୀକୃତି ପ୍ରଦାନ କରାଯାଏ । ଏହି ଉଦ୍ଦେଶ୍ୟରେ ଅନୁସରଣ କରାଯିବାକୁ ଥିବା ପ୍ରକ୍ରିୟାଟି ପରିଶିଷ୍ଟ IVରେ ରହିଛି, ସମାନତା ପାଇଁ ରାଜ୍ୟ କାର୍ଯ୍ୟାନ୍ୱୟନ ୟୁନିଟଗୁଡ଼ିକୁ ଏହାକୁ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି ।

ପରିଶିଷ୍ଟ IV ଯାହା ପୂର୍ବରୁ ଉଲ୍ଲେଖ କରାଯାଇଛି, ତାହାର ଶୀର୍ଷକ ନିମ୍ନରେ ଦିଆଗଲା :

**"ଶୃଙ୍ଖଳା ସଂହିତା ଅନୁଯାୟୀ ସ୍ୱୀକୃତି ଉଦ୍ଦେଶ୍ୟରେ ସଂଘର ସଦସ୍ୟତାର ବୈଧିକରଣ ପାଇଁ ପ୍ରକ୍ରିୟା "**

ଉକ୍ତ ପରିଶିଷ୍ଟରେ ବର୍ଣ୍ଣିତ ସମ୍ପୂର୍ଣ୍ଣ ପ୍ରକ୍ରିୟା ନିର୍ଦ୍ଧାରଣ କରିବାର ଆବଶ୍ୟକତା ନାହିଁ । ଉକ୍ତ ପ୍ରକ୍ରିୟାର କେବଳ ପ୍ରଥମ ଦୁଇଟି ଖଣ୍ଡ ଏବଂ ଖଣ୍ଡ (10) କୁ ଉଲ୍ଲେଖ କରିବା ଆମର ଉଦ୍ଦେଶ୍ୟ ପାଇଁ ଯଥେଷ୍ଟ ହେବ । ସେଗୁଡିକ ନିମ୍ନରେ ଉଲ୍ଲେଖ କରାଯାଇଛି :

"(1) ଶୃଙ୍ଖଳା ସଂହିତା ଅନୁଯାୟୀ ସ୍ୱୀକୃତି ପାଇଁ ଏକ ସଂଘରୁ ଏକ ନିବେଦନ ପ୍ରାପ୍ତ ହେବା ପରେ, କେନ୍ଦ୍ର/ରାଜ୍ୟ କାର୍ଯ୍ୟାନ୍ୱୟନ ଶାସନ ବ୍ୟବସ୍ଥା ପ୍ରଥମେ ନିରୂପଣ କରିବ :

(a) ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା ସଂଘଗୁଡ଼ିକର ନାମ, ସେମାନଙ୍କର ସଂଖ୍ୟା ଏବଂ ପଞ୍ଜୀକରଣ ତାରିଖ ସହିତ ସମ୍ପୃକ୍ତ ଶ୍ରମିକ ସଂଘ ନିବନ୍ଧକଙ୍କ ନିକଟକୁ ପଠାଇବା ;

(b) ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା କୌଣସି ସଂଘ ଗତ ଏକ ବର୍ଷ ମଧ୍ୟରେ ସଂହିତାର ଏକ ପ୍ରତିଷ୍ଠିତ ଭଙ୍ଗ ପାଇଁ ଦାୟୀ କି ('ସଂହିତାର ପ୍ରତିଷ୍ଠିତ ଭଙ୍ଗ' ର ଅର୍ଥ ହେଉଛି ରାଜ୍ୟ କିମ୍ବା କେନ୍ଦ୍ରର କାର୍ଯ୍ୟାନ୍ୱୟନ ଶାସନ କଳ ଦ୍ୱାରା ସ୍ଥାପିତ ତଦନ୍ତରେ ରିପୋର୍ଟ କରାଯାଇଥିବା ଭଙ୍ଗ),

(c) ବର୍ତ୍ତମାନ ଥିବା ସ୍ୱୀକୃତିପ୍ରାପ୍ତ ସଂଘ, ଯଦି ଥାଏ, ଦୁଇ ବର୍ଷର ସ୍ୱୀକୃତି ଅବଧି ପୂରଣ କରିଛି କି ନାହିଁ ।

(2) ଉପରୋକ୍ତ ତଥ୍ୟଗୁଡ଼ିକୁ ସୁନିଶ୍ଚିତ କରିବା ପରେ, କେନ୍ଦ୍ରର କାର୍ଯ୍ୟାନ୍ୱୟନ ଶାସନ କଳ ମୁଖ୍ୟ ଶ୍ରମ ଆୟୁକ୍ତଙ୍କୁ ଅନୁରୋଧ କରିବ ଯେ ଏହି ସଂହିତା ଅଧୀନରେ ସ୍ୱୀକୃତି ପାଇବାକୁ ଯୋଗ୍ୟ ସଂଘଗୁଡ଼ିକର ସଦସ୍ୟତା ଯାଞ୍ଚ ବ୍ୟବସ୍ଥା କରନ୍ତୁ । ପ୍ରତ୍ୟେକ ରାଜ୍ୟର କାର୍ଯ୍ୟ ପଦ୍ଧତି ଉପରେ ନିର୍ଭର କରି, ରାଜ୍ୟଗୁଡ଼ିକରେ, କାର୍ଯ୍ୟାନ୍ୱୟନ ଅଧିକାରୀ ନିଜେ ଏହି ଯାଞ୍ଚ କରିବେ କିମ୍ବା ରାଜ୍ୟ ଶ୍ରମ ଆୟୁକ୍ତଙ୍କ ମାଧ୍ୟମରେ କରାଇବେ ।

X X X X

(10) ଯାଞ୍ଚ ଅଧିକାରୀ ତାଙ୍କ ଅନୁସନ୍ଧାନକୁ କେନ୍ଦ୍ରୀୟ/ରାଜ୍ୟ କାର୍ଯ୍ୟାନ୍ୱୟନ ଶାସନ ବ୍ୟବସ୍ଥା କୁ ରିପୋର୍ଟ କରିବେ ଯାହା ପରବର୍ତ୍ତୀ ସମୟରେ ପରିଚାଳକ ଗୋଷ୍ଠୀ ତଥା ସଂଘକୁ ଏହାର ନିଷ୍ପତ୍ତି ଜଣାଇବ । ଯାଞ୍ଚ ଅଧିକାରୀ ତାଙ୍କ ରିପୋର୍ଟରେ ପ୍ରତିଷ୍ଠାନରେ ମୋଟ ଶ୍ରମିକଙ୍କ ସଂଖ୍ୟା ଏବଂ ଯାଞ୍ଚ ହୋଇଥିବା ସଦସ୍ୟତାର ପ୍ରତିଶତ ମଧ୍ୟ ସୂଚିତ କରିବେ ।"

ଏହି ପରିପ୍ରେକ୍ଷୀରେ ଆମେ ଏହା ମଧ୍ୟ ଉଲ୍ଲେଖ କରିପାରିବା ଯେ ସଂହିତାର ସଂଲଗ୍ନକ-1ରେ ସଂଘଗୁଡ଼ିକର ସ୍ୱୀକୃତି ପାଇଁ ଏକ ମାନଦଣ୍ଡ ଧାର୍ଯ୍ୟ କରାଯାଇଛି ।

7. ତେଣୁ ସଂହିତାର ଉପରୋକ୍ତ ବ୍ୟବସ୍ଥାଗୁଡ଼ିକରୁ ଏହା ସ୍ପଷ୍ଟ ହେବ ଯେ ସଂହିତା ଦ୍ୱାରା ପରିକଳ୍ପିତ "କାର୍ଯ୍ୟାନ୍ୱୟନ ଶାସନ କଳ" ଦୁଇଟି ପୃଥକ ସଙ୍ଗଠନକୁ ନେଇ ଗଠିତ, ଅର୍ଥାତ୍ ,  ସମ୍ପୃକ୍ତ ଶ୍ରମ ବିଭାଗରେ କାର୍ଯ୍ୟାନ୍ୱୟନ ୟୁନିଟ୍ ଏବଂ କେନ୍ଦ୍ର, ରାଜ୍ୟ ଏବଂ ସ୍ଥାନୀୟ ସ୍ତରରେ ତ୍ରିପକ୍ଷୀୟ କାର୍ଯ୍ୟାନ୍ୱୟନ କମିଟି । ପ୍ରତ୍ୟେକ ସଙ୍ଗଠନକୁ ଭିନ୍ନ ଭିନ୍ନ କାର୍ଯ୍ୟ ଦିଆଯାଇଛି ଏବଂ ସେଗୁଡ଼ିକୁ ସମ୍ପାଦନ କରିବା ସମୟରେ ସେମାନେ ପରସ୍ପରଠାରୁ ସ୍ୱାଧୀନ ଅଟନ୍ତି । ଶ୍ରମ ଏବଂ ନିୟୋଜନ ମନ୍ତ୍ରଣାଳୟରେ ଜଣେ ଯୁଗ୍ମ ସଚିବଙ୍କ ଦାୟିତ୍ୱରେ କେନ୍ଦ୍ରୀୟ କାର୍ଯ୍ୟାନ୍ୱୟନ ଏବଂ ମୂଲ୍ୟାଙ୍କନ ବିଭାଗ ପ୍ରତିଷ୍ଠା କରାଯାଇଥିବା ବେଳେ,  ରାଜ୍ୟଗୁଡ଼ିକରେ ଶ୍ରମ ବିଭାଗର ଜଣେ ପୂର୍ଣ୍ଣକାଳୀନ ଅଧିକାରୀଙ୍କ ଦାୟିତ୍ୱରେ କାର୍ଯ୍ୟାନ୍ୱୟନ ୟୁନିଟ୍ ପ୍ରତିଷ୍ଠା କରାଯାଇଥାଏ । ଏହା ସୁପାରିଶ କରାଯାଇଛି ଯେ କାର୍ଯ୍ୟାନ୍ୱୟନ ଅଧିକାରୀ ଜଣେ ପୂର୍ଣ୍ଣକାଳୀନ ଅଧିକାରୀ ହେବା ଉଚିତ ଏବଂ ଯଥାସମ୍ଭବ ଯଥେଷ୍ଟ ବରିଷ୍ଠତା ରହିବା ଉଚିତ । ଅନ୍ୟ ବିଷୟଗୁଡ଼ିକ ମଧ୍ୟରେ, କାର୍ଯ୍ୟାନ୍ୱୟନ ୟୁନିଟଗୁଡ଼ିକୁ ଏହା ସୁନିଶ୍ଚିତ କରିବା ଦାୟିତ୍ୱ ଦିଆଯାଇଛି ଯେ ପ୍ରତ୍ୟେକ ପରିଚାଳନା ସେମାନଙ୍କ ଶ୍ରମିକମାନଙ୍କ ସହିତ ପରାମର୍ଶ କରି ଏକ ଅଭିଯୋଗ ପ୍ରକ୍ରିୟା ସ୍ଥାପନ କରିବା ଏବଂ ପରିଶିଷ୍ଟ-IVରେ ଏହି ଉଦ୍ଦେଶ୍ୟରେ ନିର୍ଦ୍ଧାରିତ ପ୍ରକ୍ରିୟାକୁ ଅନୁସରଣ କରି ଯେଉଁଠାରେ ସେମାନେ ନିର୍ଦ୍ଧାରିତ ମାନଦଣ୍ଡ ପରିପୂର୍ଣ୍ଣ କରନ୍ତି, ପରିଚାଳନା ଦ୍ୱାରା ସଂଘଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିବାକୁ ସୁନିଶ୍ଚିତ କରାଯିବ । ଆମେ ପୂର୍ବରୁ ସୂଚାଇ ଦେଇଛୁ ଯେ ନିର୍ଦ୍ଧାରିତ ମାନଦଣ୍ଡ ସଂହିତାର ସଂଲଗ୍ନକ-1ରେ ନିର୍ଦ୍ଧାରିତ ହୋଇଛି । ଆହୁରି  ପରିଶିଷ୍ଟ IVର ଖଣ୍ଡ (1) ରେ ସ୍ୱୀକୃତି ପାଇଁ ପୂର୍ବ ସର୍ତ୍ତାବଳୀ ଧାର୍ଯ୍ୟ କରାଯାଇଛି । ତେଣୁ କାର୍ଯ୍ୟାନ୍ୱୟନ ୟୁନିଟ୍ ଏବଂ କାର୍ଯ୍ୟାନ୍ୱୟନ କମିଟିର ଗଠନ ଭିନ୍ନ ଏବଂ ସେମାନେ ଭିନ୍ନ ଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରନ୍ତି ।

8. ଏହା ପ୍ରତୀୟମାନ ହୁଏ ଯେ ଉଚ୍ଚ ନ୍ୟାୟାଳୟ ମୂଳତଃ ଏହି ତଥ୍ୟ ଦ୍ୱାରା ପ୍ରଭାବିତ ହୋଇଛନ୍ତି ଯେ ପରିଶିଷ୍ଟ IVର ଧାରା (1) ରେ କୁହାଯାଇଛି ଯେ ସ୍ୱୀକୃତି ପାଇଁ ସଂଘଗୁଡ଼ିକ ଠାରୁ ନିବେଦନ ପ୍ରାପ୍ତ ହେବା ପରେ, କେନ୍ଦ୍ର/ରାଜ୍ୟ "କାର୍ଯ୍ୟାନ୍ୱୟନ ଶାସନ ବ୍ୟବସ୍ଥା" ପ୍ରଥମେ ଉପ-ଖଣ୍ଡ (a), (b) ଏବଂ (c) ରେ ଦର୍ଶାଯାଇଥିବା ତଥ୍ୟଗୁଡ଼ିକୁ ନିଶ୍ଚିତ କରିବେ ଏବଂ ତା 'ପରେ, ଯଦି କେନ୍ଦ୍ରରେ "କାର୍ଯ୍ୟାନ୍ୱୟନ ଶାସନ ବ୍ୟବସ୍ଥା" ସ୍ୱୀକୃତି ପାଇବାକୁ ଯୋଗ୍ୟ ସଂଘଗୁଡ଼ିକର ସଦସ୍ୟତାର ସତ୍ୟାପନ, ମୁଖ୍ୟ ଶ୍ରମ ଆୟୁକ୍ତଙ୍କୁ ବ୍ୟବସ୍ଥା କରିବାକୁ ଆବଶ୍ୟକ କରିବ ଏବଂ ଯଦି ରାଜ୍ୟଗୁଡିକରେ କାର୍ଯ୍ୟାନ୍ୱୟନ ଅଧିକାରୀ ସତ୍ୟାପନ କରିବେ କିମ୍ବା ରାଜ୍ୟ ଶ୍ରମ ଆୟୁକ୍ତଙ୍କ ମାଧ୍ୟମରେ ଏହାକୁ କରିବେ, ତାହା ପ୍ରତ୍ୟେକ ରାଜ୍ୟର କାର୍ଯ୍ୟ ପ୍ରଣାଳୀ ଉପରେ ନିର୍ଭର କରିବ । ଉଚ୍ଚ ନ୍ୟାୟାଳୟ ମଧ୍ୟ ଉକ୍ତ ପରିଶିଷ୍ଟର ଖଣ୍ଡ(10) ର ବ୍ୟବସ୍ଥା ଦ୍ୱାରା ପ୍ରଭାବିତ ହୋଇଥିବା ପରି ମନେହୁଏ ଯାହା କେନ୍ଦ୍ର/ରାଜ୍ୟ "କାର୍ଯ୍ୟାନ୍ୱୟନ ଶାସନ କଳ" କୁ ସଦସ୍ୟତା ଉପରେ ଯାଞ୍ଚ ଅଧିକାରୀଙ୍କୁ ତାଙ୍କ ଅନୁସନ୍ଧାନ ରିପୋର୍ଟ କରିବାକୁ ଆବଶ୍ୟକ କରେ । ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟତଃ ସମଗ୍ର ବିଷୟକୁ ଏହି ଅଂଶ ବୋଲି ଭାବି ତ୍ରୁଟି

କରିଛନ୍ତି । ଯେପରି ଆମେ ପୂର୍ବରୁ ଉଲ୍ଲେଖ କରିଛୁ, ଯଦିଓ ସଂହିତାର ଧାରା II ର ଶୀର୍ଷକ "କାର୍ଯ୍ୟାନ୍ୱୟନ ଶାସନ ବ୍ୟବସ୍ଥା" ରହିଛି, "କାର୍ଯ୍ୟାନ୍ୱୟନ ଶାସନ କଳ" ଦୁଇଟି ପୃଥକ ସଙ୍ଗଠନକୁ ନେଇ ଗଠିତ, ଯଥା , କାର୍ଯ୍ୟାନ୍ୱୟନ ୟୁନିଟ୍ ଏବଂ ତ୍ରିପକ୍ଷୀୟ କାର୍ଯ୍ୟାନ୍ୱୟନ କମିଟି । ଧାରା II ର ଭାଷାରୁ ହିଁ ଏହା ସ୍ୱଷ୍ଟ । ସେମାନଙ୍କର ପୃଥକ ଗଠନ ଏବଂ କାର୍ଯ୍ୟ ମଧ ଏହି ଦିଗକୁ ସ୍ୱଷ୍ଟ କରେ । ଆହୁରି ମଧ, କେନ୍ଦ୍ର, ରାଜ୍ୟ କିମ୍ବା ସ୍ଥାନୀୟ ସ୍ତରରେ ସମ୍ପୃକ୍ତ ଶ୍ରମ ବିଭାଗରେ କାର୍ଯ୍ୟାନ୍ୱୟନ ୟୁନିଟ୍ ଏବଂ ସମ୍ପୃକ୍ତ ତ୍ରିପକ୍ଷୀୟ କାର୍ଯ୍ୟାନ୍ୱୟନ କମିଟି ମିଳିତ ଭାବେ କାର୍ଯ୍ୟାନ୍ୱୟନ ଶାସନ ବ୍ୟବସ୍ଥା  ଗଠନ କରିବେ ଏବଂ ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଅଲଗା ଅଲଗା ଭାବେ କାର୍ଯ୍ୟ କରିବ ନାହିଁ, କରଣ ଯାହା ଦ୍ୱାରା କେବଳ ଧାରା-II ର ସ୍ୱଷ୍ଟ ଭାଷା ଏବଂ ସେଗୁଡ଼ିକର ପୃଥକ ଗଠନ ଏବଂ କାର୍ଯ୍ୟରୁ ସ୍ୱଷ୍ଟ ହେଉଥିବା ସଂହିତାର ଉଦ୍ଦେଶ୍ୟକୁ ବିରୋଧ କରିବ ନାହିଁ, ବରଂ କାର୍ଯ୍ୟ କରିବାରେ ମଧ ଏହା ଅବ୍ୟବହାରିକ ହେବ । କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ କାର୍ଯ୍ୟାନ୍ୱୟନ କମିଟିର ଗଠନ ଉପରେ ଆମେ ପୂର୍ବରୁ ଉପସ୍ଥାପନ କରିଛୁ । ଏହି କମିଟିଗୁଡ଼ିକ, କେନ୍ଦ୍ରୀୟ ସ୍ତରରେ, ସମାନ ସଂଖ୍ୟକ ନିୟୋଜକ ଏବଂ ଶ୍ରମିକଙ୍କ ପ୍ରତିନିଧିତ୍ୱକୁ ନେଇ ଗଠିତ-କେନ୍ଦ୍ରୀୟ ନିୟୋଜକ ଏବଂ ଶ୍ରମିକ ସଙ୍ଗଠନର ଚାରି ଜଣ ଲେଖାଏଁ, ଯେଉଁମାନେ କି ନିଜ ସଂଗଠନ ଦ୍ୱାରା ମନୋନୀତ ହୋଇଥାନ୍ତି । ରାଜ୍ୟ ସ୍ତରରେ, ସେମାନଙ୍କୁ ସେହିଭଳି ଭାବରେ ଏବଂ କେନ୍ଦ୍ରୀୟ ନିୟୋଜକ ଏବଂ ଶ୍ରମିକ ସଂଗଠନ ସହିତ ପରାମର୍ଶ କରି ଗଠନ କରାଯିବା ଆବଶ୍ୟକ ଯେଉଁଠାରେ ସମ୍ପୃକ୍ତ ରାଜ୍ୟରେ ସେମାନଙ୍କର ସହଯୋଗୀ ଅଛନ୍ତି  । କମିଟିଗୁଡ଼ିକର ଅଧ୍ୟକ୍ଷତା ଯଥାସମ୍ଭବ ସମ୍ପୃକ୍ତ ଶ୍ରମ ମନ୍ତ୍ରୀମାନଙ୍କ ଦ୍ୱାରା କରାଯାଇଥାଏ ଏବଂ ଯେଉଁଠାରେ ଶ୍ରମ ମନ୍ତ୍ରୀଙ୍କ ଦ୍ୱାରା ସେମାନଙ୍କ ଅଧ୍ୟକ୍ଷତା କରିବା ସମ୍ଭବ ନୁହେଁ, ସେଠାରେ ମଧ ସେମାନଙ୍କୁ କମିଟିର ବିଚାର-ବିମର୍ଶ ସହିତ ଯଥାସମ୍ଭବ ନିଜକୁ ଯୋଡ଼ିବା ଆବଶ୍ୟକ । ସ୍ଥାନୀୟ ସ୍ତରରେ, କମିଟିଗୁଡିକ ସେହିଭଳି ଭାବରେ ସେହି ଅଞ୍ଚଳର ନିୟୋଜକ ଏବଂ ଶ୍ରମିକଙ୍କ ସମାନ ସଂଖ୍ୟାକ ପ୍ରତିନିଧିଙ୍କୁ ନେଇ ଗଠିତ ଏବଂ ଶ୍ରମ ବିଭାଗର ଜଣେ ଅଧିକାରୀ କିମ୍ବା ଅଞ୍ଚଳର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଅଧ୍ୟକ୍ଷତା କରାଯାଏ । ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ମଧ୍ୟରୁ ଗୋଟିଏ ଅପେକ୍ଷା ଅଧିକ ସଙ୍ଗଠନ ଥାଇପାରେ, ଏବଂ କମିଟିଗୁଡିକ ଏହିପରି ଏକ ଅପ୍ରତ୍ୟାଶିତ ସଂଖ୍ୟାକୁ ନେଇ ଗଠିତ ।  ଏପରି ଏକ କମିଟି ବ୍ୟତୀତ ପରିଶିଷ୍ଟ IV ରେ ଉଲ୍ଲେଖିତ କାର୍ଯ୍ୟକୁ କାର୍ଯ୍ୟକାରୀ କରିବା ଅବାସ୍ତବ । ସେଥିପାଇଁ ସଂହିତା ନିଜେ ପରିଚାଳନା ଦ୍ୱାରା ସଂଘ ଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରାଯିବା ସୁନିଶ୍ଚିତ କରିବାର କାର୍ଯ୍ୟ କାର୍ଯ୍ୟାନ୍ୱୟନ କମିଟି ଗୁଡ଼ିକୁ ନୁହେଁ ବରଂ କାର୍ଯ୍ୟାନ୍ୱୟନ ୟୁନିଟ୍ ଗୁଡ଼ିକୁ ଦାୟିତ୍ୱ ଦେଇଛି  । କେନ୍ଦ୍ରରେ, କାର୍ଯ୍ୟାନ୍ୱୟନ ୟୁନିଟକୁ ଜଣେ ଯୁଗ୍ମ ସଚିବଙ୍କ ଦାୟିତ୍ୱରେ ରଖାଯାଇଛି ଏବଂ ରାଜ୍ୟ ସ୍ତରରେ ଏହା ରାଜ୍ୟ ଶ୍ରମ ବିଭାଗର ଜଣେ ପୂର୍ଣ୍ଣକାଳୀନ ଅଧିକାରୀଙ୍କ ଦାୟିତ୍ୱରେ ରହିଛି ।

୨. ରେକର୍ଡ ଆହୁରି ଦର୍ଶାଏ ଯେ ମେ 26, 1959 ରେ, ଅର୍ଥାତ୍, ସଂହିତା ଅନୁସମର୍ଥନର ପ୍ରାୟ ଏକ ବର୍ଷ ପରେ, ଭାରତ ସରକାର ସମସ୍ତ ରାଜ୍ୟରେ ମୂଲ୍ୟାଙ୍କନ ଏବଂ କାର୍ଯ୍ୟାନ୍ୱୟନ କାର୍ଯ୍ୟର ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନାମିତ ଏବଂ ନିର୍ଦ୍ଦିଷ୍ଟ କରି ଏକ ବିବୃତି ଜାରି କରିଥିଲେ ଏବଂ ଆହୁରି ନିମ୍ନମତେ କହିଥିଲେ :

"...... ଏହା ଅନୁରୋଧ କରାଯାଇଛି ଯେ ରାଜ୍ୟ କ୍ଷେତ୍ରରେ କାର୍ଯ୍ୟ ସମ୍ବନ୍ଧୀୟ ଶ୍ରମ ଆଇନ, ଅଧିନିର୍ଣ୍ଣୟ, ବନ୍ଦୋବସ୍ତ, ରାଜିନାମା, ଶୃଙ୍ଖଳା ସଂହିତା ଇତ୍ୟାଦି କାର୍ଯ୍ୟକାରୀ ନକରିବା ସମ୍ବନ୍ଧୀୟ ସମସ୍ତ ଅଭିଯୋଗ ଭବିଷ୍ୟତରେ ସମ୍ପୃକ୍ତ ରାଜ୍ୟ କାର୍ଯ୍ୟାନ୍ୱୟନ ଅଧିକାରୀମାନଙ୍କୁ ପଠାଯାଇପାରିବ ।

ଓଡ଼ିଶା ରାଜ୍ୟ ସମ୍ବନ୍ଧରେ, ଭାରତ ସରକାରଙ୍କ ଦ୍ୱାରା ନାମିତ କାର୍ଯ୍ୟାନ୍ୱୟନ ଅଧିକାରୀ ହେଉଛନ୍ତି ରାଜ୍ୟର ଶ୍ରମ ଆୟୁକ୍ତ । ଓଡ଼ିଶା ରାଜ୍ୟରେ ସଂଘଗୁଡ଼ିକୁ ମାନ୍ୟତା ପ୍ରଦାନ କରିବାର ଦାୟିତ୍ୱ ଦିଆଯାଇଥିବା କାର୍ଯ୍ୟାନ୍ୱୟନ ୟୁନିଟ୍/କାର୍ଯ୍ୟାନ୍ୱୟନ ଅଧିକାରୀ ରାଜ୍ୟର ଶ୍ରମ ଆୟୁକ୍ତ ହୋଇଥିବାରୁ ଆବେଦନକାରୀ-ସଂଘ ଏହି ଉଦ୍ଦେଶ୍ୟରେ ସଠିକ ଉପାୟ ଲାଗି ଶ୍ରମ ଆୟୁକ୍ତଙ୍କ ନିକଟକୁ ଯାଇଥିଲେ । ଉଚ୍ଚ ନ୍ୟାୟାଳୟ କାର୍ଯ୍ୟାନ୍ୱୟନ ୟୁନିଟ୍ ଏବଂ ତ୍ରିପକ୍ଷୀୟ କାର୍ଯ୍ୟାନ୍ୱୟନ କମିଟିକୁ କାର୍ଯ୍ୟାନ୍ୱୟନ ଶାସନ କଳ ସହିତ ଭ୍ରମିତ କରିବାର ମୌଳିକ ତ୍ରୁଟି କରି ବିଭ୍ରାନ୍ତ ହୋଇ କହିଥିଲେ ଯେ କାର୍ଯ୍ୟାନ୍ୱୟନ ୟୁନିଟ୍/କାର୍ଯ୍ୟାନ୍ୱୟନ ଅଧିକାରୀ ସ୍ୱୀକୃତି ପାଇଁ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଉପଯୁକ୍ତ ଅଧିକାରୀ ନୁହଁନ୍ତି ।

ଉଚ୍ଚ ନ୍ୟାୟାଳୟ ଆହୁରି ଏହି ନିର୍ଣ୍ଣୟ କରି ତ୍ରୁଟି କରିଥିଲେ ଯେ ପରିଶିଷ୍ଟ IVର ଧାରା (10) ଯେଉଁଥିରେ ଉଲ୍ଲେଖ ରହିଛି ଯେ ଯାଞ୍ଚ ଅଧିକାରୀ ତାଙ୍କ ଅନୁସନ୍ଧାନକୁ କାର୍ଯ୍ୟାନ୍ୱୟନ ଶାସନ ବ୍ୟବସ୍ଥା କୁ ରିପୋର୍ଟ କରିବେ ଯାହାର ଅର୍ଥ ଥିଲା ଯେ କାର୍ଯ୍ୟାନ୍ୱୟନ ୟୁନିଟ୍ କିମ୍ବା ଶ୍ରମ ଆୟୁକ୍ତ "କାର୍ଯ୍ୟାନ୍ୱୟନ ଶାସନ କଳ" ନୁହଁନ୍ତି ବରଂ କେବଳ ଜଣେ ଯାଞ୍ଚ ଅଧିକାରୀ ଥିଲେ । ଯେହେତୁ ରାଜ୍ୟ ଶ୍ରମ ଆୟୁକ୍ତଙ୍କୁ କାର୍ଯ୍ୟାନ୍ୱୟନ ଅଧିକାରୀ ଭାବେ ନାମିତ କରାଯାଇଥିଲା, ଯିଏକି ଅନ୍ୟ କେହି ନୁହଁନ୍ତି, ବରଂ କାର୍ଯ୍ୟାନ୍ୱୟନ ୟୁନିଟର ଦାୟିତ୍ୱରେ ଥିବା ଅଧିକାରୀ, ତେଣୁ କାର୍ଯ୍ୟାନ୍ୱୟନ ଅଧିକାରୀ ଭାବେ ରାଜ୍ୟ ଶ୍ରମ ଆୟୁକ୍ତଙ୍କ ପାଖରେ ସଦସ୍ୟତା ଯାଞ୍ଚ ନିଜେ କରିବା କିମ୍ବା ବର୍ତ୍ତମାନର ମାମଲା ଭଳି ଉପ ଶ୍ରମ ଆୟୁକ୍ତଙ୍କ ଭଳି ଅନ୍ୟ କୌଣସି ଅଧିକାରୀଙ୍କୁ ହସ୍ତାନ୍ତର କରିବାର ବିକଳ୍ପ ରହିଥିଲା । ତାହା କେବଳ ଲିପିକ ବର୍ଗୀୟ କାର୍ଯ୍ୟର ଦାୟିତ୍ୱ ଥିଲା । ବର୍ତ୍ତମାନର ମାମଲାରେ ଉପ ଶ୍ରମ ଆୟୁକ୍ତ ହେଉଛନ୍ତି ସତ୍ୟାପନ ଅଧିକାରୀ ଏବଂ ପରିଶିଷ୍ଟ IV ର ଧାରା (10) ଅନୁଯାୟୀ, ତାଙ୍କୁ ତାଙ୍କ ରିପୋର୍ଟ କାର୍ଯ୍ୟାନ୍ୱୟନ ଅଧିକାରୀ କିମ୍ବା ୟୁନିଟ୍, ଅର୍ଥାତ୍ ରାଜ୍ୟ ଶ୍ରମ ଆୟୁକ୍ତଙ୍କୁ ପଠାଇବାକୁ ପଡିବ ଏବଂ ରାଜ୍ୟ ଶ୍ରମ ଆୟୁକ୍ତ ତାଙ୍କ ନିଷ୍ପତ୍ତି ରାଜ୍ୟ କାର୍ଯ୍ୟାନ୍ୱୟନ ଶାସନ କଳ ଭାବେ ପରିଚାଳକ ଗୋଷ୍ଠୀ ତଥା ସଂଘକୁ ଜଣାଇବେ ।

10. ଉପରୋକ୍ତ କାରଣଗୁଡ଼ିକ ପାଇଁ ଆମର ମତ ହେଉଛି ଯେ ଉଚ୍ଚ ନ୍ୟାୟାଳୟ ପ୍ରଥମ ଉତ୍ତରଦାତା ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନ ସଂଖ୍ୟା 4426/1989 କୁ ଅନୁମତି ଦେଇ ଏବଂ ଆବେଦନକାରୀଙ୍କ ରିଟ୍ ଆବେଦନ ସଂଖ୍ୟା 361/1990 କୁ ଖାରଜ କରି ତ୍ରୁଟି କରିଛନ୍ତି । ତେଣୁ, ଆମେ ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତିକୁ ବାତିଲ କରୁଛୁ ଏବଂ ସଦସ୍ୟତା ସତ୍ୟାପନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ଉପ ଶ୍ରମ

ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଉଛୁ ଏବଂ ଶ୍ରମ ଆୟୁକ୍ତ ଏହି ନିଷ୍ପତ୍ତି ଗ୍ରହଣ କରିବାର ଚାରି ମାସ ମଧ୍ୟରେ ଯଥା ସମ୍ଭବ ସ୍ୱୀକୃତି ପ୍ରକ୍ରିୟା ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଉଛୁ ।

ମାମଲାର ପରିସ୍ଥିତିରେ ପକ୍ଷମାନେ ସେମାନଙ୍କର ନିଜସ୍ୱ ଖର୍ଚ୍ଚ ବହନ କରିବେ ।

ଆର୍.ଏସ୍.ଏସ୍. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ , ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।